# TPCODL

## ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡ଼ିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍

(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

**କର୍ପୋରେଟ ଅଫିସ୍: ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨**

**କେସ୍ ନଂ. ୮୮/୨୦୨୪**

## ସାଧାରଣ ବିଜ୍ଞପ୍ତି

**ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ଭୁବନେଶ୍ୱର - ୨୧ଙ୍କ ସମ୍ମୁଖରେ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିଃ. (ଟିପିସିଓଡ଼ିଏଲ୍) ଦ୍ୱାରା ଫାଇଲ୍ କରାଯାଇଥିବା ଓଇଆରସି (ହ୍ୱିଲିଂ ଶୁଳ୍କ ଏବଂ ରିଟେଲ୍ ସପ୍ଲାଏ ଶୁଳ୍କର ନିର୍ଦ୍ଧାରଣ ପାଇଁ ସର୍ତ୍ତ ଓ ବ୍ୟବସ୍ଥାବଳୀ) ନିୟାମକ ୨୦୨୨ ଅନୁଯାୟୀ ଓଇଆରସି ଭେଷ୍ଟିଙ୍ଗ୍ ଅର୍ଡର ତା.୨୬.୦୫.୨୦୨୦, ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ହ୍ୱିଲିଂ ଶୁଳ୍କ ଓ ରିଟେଲ୍ ସପ୍ଲାଏ ଶୁଳ୍କ ଆବେଦନର ମୋଟ ରାଜସ୍ୱ ଅବାଶ୍ୟକତା ଓ ନିର୍ଦ୍ଧାରଣ ପାଇଁ ଓଇଆରସି (ବ୍ୟବସାୟ ପରିଚାଳନା) ନିୟାମକ ୨୦୦୪ର ୫୩(୭) ସମ୍ବନ୍ଧିତ ପାଠ ବିଦ୍ୟୁତ୍ ଅଧିନୀୟମ ୨୦୦୩ର ଧାରା ୬୪(୨) ଅଧୀନରେ ଆବେଦନ ପ୍ରକାଶ।**

୧. ଓଇଆରସି (ହ୍ୱିଲିଂ ଶୁଳ୍କ ଏବଂ ରିଟେଲ୍ ସପ୍ଲାଏ ଶୁଳ୍କର ନିର୍ଦ୍ଧାରଣ ପାଇଁ ସର୍ତ୍ତ ଓ ବ୍ୟବସ୍ଥାବଳୀ) ନିୟାମକ ୨୦୨୨ ଅନୁଯାୟୀ **୩୦.୧୧.୨୦୨୪**ରେ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ହ୍ୱିଲିଂ ଶୁଳ୍କ ଓ ରିଟେଲ୍ ସପ୍ଲାଏ ଶୁଳ୍କର ନିର୍ଦ୍ଧାରଣ ତଥା ମୋଟ ରାଜସ୍ୱ ଆବଶ୍ୟକତା ଅନୁମୋଦନ ପାଇଁ ଟିପିସିଓଡ଼ିଏଲ ଓଡ଼ିଶା ବିଦ୍ୟୁତ୍ ନିୟାମଙ୍କ ଆୟୋଗଙ୍କ ଠାରେ ଏହାର ଆବେଦନକୁ ଦାଖଲ କରିଛି, ଯାହାକୁ **କେସ୍ ନଂ.: ୮୮/୨୦୨୪** ଭାବରେ ପଞ୍ଜିକୃତ କରାଯାଇଛି। ବିଦ୍ୟୁତ୍ ଅଧିନିୟମ ୨୦୦୩ର ଅନ୍ୟାନ୍ୟ ପ୍ରଜୁଜ୍ୟ ବ୍ୟବସ୍ଥାବଳୀ ତଥା ଧାରା ୬୨ ଅଧିନରେ ଉକ୍ତ ଆବେଦନକୁ ଫାଇଲ୍ କରାଯାଇଛି। ଯାହା ପାଠ ଓଇଆରସି (ହ୍ୱିଲିଂ ଶୁଳ୍କ ଏବଂ ରିଟେଲ୍ ସପ୍ଲାଏ ଶୁଳ୍କର ନିର୍ଦ୍ଧାରଣ ପାଇଁ ସର୍ତ୍ତ ଓ ବ୍ୟବସ୍ଥାବଳୀ) ନିୟାମକ ୨୦୨୨, ଓଇଆରସି (ବ୍ୟବସାୟ ପରିଚାଳନା) ନୟାମକ ୨୦୦୪ ଏବଂ ଭେଷ୍ଟିଙ୍ଗ୍ ଅର୍ଡର ଅନୁଯାୟୀ ରହିଛି। ଏହି କ୍ରମରେ ଏକ ଜନଶୁଣାଣୀ ମାଧ୍ୟମରେ ମାମଲାର ସମାଧାନ କରିବାକୁ ଆୟୋଗ ନିଷ୍ପତି ନେଇଛି।

୨. ସହାୟକ ସାମଗ୍ରୀ ସହିତ ଉପରୋକ୍ତ ଫାଇଲିଂର ନକଲଗୁଡ଼ିକ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବଣ୍ଟନ ବିଭାଗ ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଯଥା (କ) ବି.ସି.ଡ଼ି.ଡ଼ି. - ୧, ଭୁବନେଶ୍ୱର, (ଖ) ବି.ସି.ଡ଼ି.ଡ଼ି. - ୨, ଭୁବନେଶ୍ୱର, (ଗ) ଭୁବନେଶ୍ୱର ଇଲେକ୍ଟ୍ରିକାଲ ଡ଼ିଭିଜନ, ଭୁବନେଶ୍ୱର, (ଘ) ସି.ଡ଼ି.ଡ଼ି.-୧, କଟକ, (ଙ) ସି.ଡ଼ି.ଡ଼ି.-୨, କଟକ, (ଚ) କଟକ ଇଲେକ୍ଟ୍ରିକାଲ ଡ଼ିଭିଜନ, କଟକ, (ଛ) ପୁରୀ ଇଲେକ୍ଟ୍ରିକାଲ ଡ଼ିଭିଜନ, ପୁରୀ, (ଜ) ଖୋର୍ଦ୍ଧା ଇଲେକ୍ଟ୍ରିକାଲ ଡ଼ିଭିଜନ, ଖୋର୍ଦ୍ଧା, (ଝ) ବାଲୁଗାଁ ଇଲେକ୍ଟ୍ରିକାଲ ଡ଼ିଭିଜନ, ବାଲୁଗାଁ, (ଞ) ନୟାଗଡ଼ ଇଲେକ୍ଟ୍ରିକାଲ ଡ଼ିଭିଜନ, ନୟାଗଡ଼, (ଟ) ନିମାପଡ଼ା ଇଲେକ୍ଟ୍ରିକାଲ ଡ଼ିଭିଜନ, ନିମାପଡ଼ା, (ଠ) କେନ୍ଦ୍ରାପଡ଼ା ଇଲେକ୍ଟ୍ରିକାଲ ଡ଼ିଭିଜନ ନଂ. ୧, କେନ୍ଦ୍ରାପଡ଼ା, (ଡ) କେନ୍ଦ୍ରାପଡ଼ା ଇଲେକ୍ଟ୍ରିକାଲ ଡ଼ିଭିଜନ ନଂ. ୨, ମାର୍ଶାଘାଇ, (ଢ) ଜଗତସିଂହପୁର ଇଲେକ୍ଟ୍ରିକାଲ ଡ଼ିଭିଜନ, ଜଗତସିଂହପୁର, (ଣ) ପାରାଦୀପ ଇଲେକ୍ଟ୍ରିକାଲ ଡ଼ିଭିଜନ, ପାରାଦୀପ, (ତ) ଆଠଗଡ଼ ଇଲେକ୍ଟ୍ରିକାଲ ଡ଼ିଭିଜନ, ଆଠଗଡ଼, (ଥ) ସାଲେପୁର ଇଲେକ୍ଟ୍ରିକାଲ ଡ଼ିଭିଜନ, ସାଲେପୁର, (ଦ) ତାଳଚରେ ଇଲେକ୍ଟ୍ରିକାଲ ଡ଼ିଭିଜନ, ଚାଁଇପାଳ, (ଧ) ଢ଼େଙ୍କାନାଳ ଇଲେକ୍ଟ୍ରିକାଲ ଡ଼ିଭିଜନ, ଢ଼େଙ୍କାନାଳ, (ନ) ଅନୁଗୁଳ ଇଲେକ୍ଟ୍ରିକାଲ ଡ଼ିଭିଜନ, ଅନୁଗୁଳ, ଉପଲବ୍ଧ।

୩. (କ) ଆଗ୍ରହୀ ବ୍ୟକ୍ତିମାନେ ଉପରୋକ୍ତ ପାରା (୧)ରେ ଦିଆଯାଇଥିବା ବିଷୟବସ୍ତୁ ସମ୍ପୃକ୍ତ ରେକର୍ଡକୁ ଅନୁସନ୍ଧାନ କରିପାରିବେ ଓ ମଗାଇପାରିବେ। ଏହା ଧ୍ୟାନ ଦେବା ଆକଶ୍ୟକ ଯାହା ଉପରୋକ୍ତ ପାରା (୨) ରେ ଉଲ୍ଲିଖିତ କାର୍ଯ୍ୟାଳୟଗୁଡ଼ିକରୁ ୧୬.୦୧.୨୦୨୫ ସୁଦ୍ଧା ବା ତା ପୂର୍ବରୁ ଏକ ସାଧା କାଗଜରେ ଆବେଦନ ଜରିଆରେ ଉପରୋକ୍ତ ଯେକୌଣସି ପ୍ରାଧିକାରୀଙ୍କ ଠାରୁ ପ୍ରାପ୍ତ କରିପାରିବେ। ବିକଳ୍ପ ଭାବରେ ଉପରୋକ୍ତ ସାଧାରଣ ବିଜ୍ଞପ୍ତି ସହିତ ଫାଇଲିଂର ବିବରଣୀ ଏବଂ ସମ୍ପୃକ୍ତ ବିଷୟବସ୍ତୁକୁ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ର ୱେବ୍‌ସାଇଟ୍ **www.tpcentralodisha.com** ସହିତ ଆୟୋଗଙ୍କ ୱେବ୍‌ସାଇଟ୍ **www.orierc.org** ରୁ ଡ଼ାଉନ୍‌ଲୋଡ଼ କରାଯାଇପାରିବ।

(ଖ) ଉକ୍ତ ପ୍ରସ୍ତାବର ଏକ ସାରାଂଶକୁ ଜନସାଧାରଣଙ୍କ ଦର୍ଶନାର୍ଥେ **୧୩.୦୧.୨୦୨୫** ପରେ ଆୟୋଗଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବ।

୪. ମୋଟ ରାଜସ୍ୱ ଆବଶ୍ୟକତା ଏବଂ ଶୁଳ୍କ ଆବେଦନର ଭଲ୍ୟୁମ- ୧ ଆଗ୍ରହୀ ବ୍ୟକ୍ତିମାନଙ୍କ ପାଇଁ ଉପରୋକ୍ତ ପାରା (୨) ରେ ଦର୍ଶାଯାଇଥିବା କାର୍ଯ୍ୟାଳୟରୁ ଯେକୌଣସି କାର୍ଯ୍ୟ ଦିବସରେ **୧୬.୦୧.୨୦୨୫** ସୁଦ୍ଧା ବା ତା ପୂର୍ବରୁ ଫଟୋ କପି ଚାର୍ଜ (ଟ.୧୦୦/-) ପ୍ରଦାନ କରି ପାଇପାରିବେ।

୫. ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ହ୍ୱିଲିଂ ତାରିଫ୍ ଏବଂ ରିଟେଲ୍ ସପ୍ଲାଏ ଶୁଳ୍କର ନିର୍ଦ୍ଧାରଣ ପାଇଁ ଆବେଦନ ଓ ମୋଟ ରାଜସ୍ୱ ଆବଶ୍ୟକତାର ଏକ ସମ୍ପୂର୍ଣ୍ଣ ସେଟ୍ କୁ ଉପର ବର୍ଣ୍ଣିତ ପାରା (୨)ରେ ଉଲ୍ଲେଖ କରାଯାଇଥିବା କାର୍ଯ୍ୟାଳୟରୁ ଯେକୌଣସି କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ **୧୬.୦୧.୨୦୨୫** ସୁଦ୍ଧା କିମ୍ବା ତା ପୂର୍ବରୁ ଫଟୋ କପି ଚାର୍ଜ (ଟ.୨୦୦/-) ପ୍ରଦାନ କରି ପ୍ରାପ୍ତ କରାଯାଇପାରିବ।

୬. ଯଦି କୌଣସି ପ୍ରସ୍ତାବ / ଆପତ୍ତି ଅଭିଯୋଗ ଥାଏ ତେବେ ତତ୍ ସଂକ୍ରାନ୍ତ ସହାୟକ କାଗଜପତ୍ର ସହିତ ସଚିବ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ପ୍ଲଟ୍ ନଂ. - ୪, ଚୁନୁକୋଳି, ଶୈଳଶ୍ରୀ ବିହାର, ଭୁବନେଶ୍ୱର - ୭୫୧୦୨୧ଙ୍କ ନିକଟରେ ବ୍ୟକ୍ତିଗତ ଭାବେ କିମ୍ବା ରେଜିଷ୍ଟ୍ରି ଡାକ / କୋରିୟର୍ ସର୍ଭିସ୍ ଜରିଆରେ କେବଳ ଦାଖଲ କରାଯାଇପାରିବ ତାହା ଯେପରିକି **୧୬.୦୧.୨୦୨୫** କିମ୍ବା ଏହା ପୂର୍ବରୁ ତାଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। କଥିତ ପ୍ରସ୍ତାବ / ଆପତ୍ତି ଅଭିଯୋଗର ଏକକିତା ନକଲ ସହିତ ପ୍ରାସଙ୍ଗିକ କାଗଜପତ୍ର ମଧ୍ୟ ନିମ୍ନସ୍ୱାକ୍ଷରକାରୀଙ୍କୁ ପ୍ରଦାନ କରାଯାଇଥିବ।

(କ) ପ୍ରସ୍ତାବ / ଆପତ୍ତି ଅଭିଯୋଗ ଗୁଡ଼ିକ ସାତଟି କପି ନକଲରେ ଦରଜ ହୋଇଥିବ ଏବଂ ପ୍ରସ୍ତାବ / ଆପତ୍ତି ଅଭିଯୋଗ ପଠାଇଥିବା ବ୍ୟକ୍ତି / ସଂଗଠନ/ ଅନୁଷ୍ଠାନର ସମ୍ପୂର୍ଣ୍ଣ ନାମ ଓ ଡ଼ାକ ଠିକଣା ସହିତ ପିନ୍ କୋଡ଼ ସହିତ ଇ-ମେଲ୍ ଆଇଡ଼ି ଓ ଯୋଗାଯୋଗ ଟେଲିଫୋନ୍ ନମ୍ବର ଉଲ୍ଲେଖ ଥାଇ ଏକ ସତ୍ୟପାଠ ସଂଲଗ୍ନ ଥିବ।

(ଖ) ଯଦି କୌଣସି ବର୍ଗର ଉପଭୋକ୍ତ ପ୍ରତିନିଧିତ୍ୱ କରୁଥିବା କୌଣସି ସଂସ୍ଥା / ପ୍ରତିଷ୍ଠାନ ପକ୍ଷରୁ ମତାମତ / ପ୍ରତିବାଦଦାଖଲ କରାଯାଏ ତେବେ ଏଥିରେ ଏକ ସ୍ପଷ୍ଟ ସୂଚନା ରହିବ। ଏହା ମଧ୍ୟ ବିଶେଷ ଭାବରେ ଉଲ୍ଲେଖ କରାଯିବା ଉଚିତ୍, ଯଦି ଏହା ଆୟୋଗଙ୍କ ଦ୍ୱାରା ବ୍ୟକ୍ତିଗତ ଭାବେ ଶୁଣାଣି କରାଯିବ।

(ଗ) ଉପରୋକ୍ତ ତାରିଖ ପରେ ଗ୍ରହଣ କରାଯାଇଥିବା ମତାମତ / ପ୍ରତିବାଦକିମ୍ବା ଯେଉଁଥିରେ ଉପରୋକ୍ତ ଦୃଷ୍ଟିକୋଣରୁ କୌଣସି ବା ଏକାଧିକ ଅଭାବ ପ୍ରମାଣିତ ହୋଇଥିବ ତାହାକୁ ଶୁଣାଣି ପାଇଁ ଗ୍ରହଣ କରାଯିବ ନାହିଁ। କେବଳ ସତ୍ୟପାଠ ମାଧ୍ୟମରେ ଆସିଥିବା ମତାମତ / ପ୍ରତିବାଦଗୁଡ଼ିକୁ ଶୁଣାଣି ପାଇଁ ନିଆଯିବ।

୭. ସର୍ବସାଧାରଣ ଶୁଣାଣିର ତାରିଖ ଏବଂ ସ୍ଥାନ ସମ୍ବାଦପତ୍ରରେ ସଠିକ ଭାବରେ ପ୍ରକାଶିତ ହେବ ଏବଂ ତାହାକୁ ସେହି ପକ୍ଷମାନଙ୍କୁ ମଧ୍ୟ ଜଣାଇ ଦିଆଯିବ ଯେଉଁମାନଙ୍କର ପ୍ରତିବାଦସ୍ୱିକାର କରାଯାଇଛି।

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**

**ତାରିଖ: ୧୩.୧୨.୨୦୨୪** **ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡ଼ିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍**

**ସୂଚନା:**

(କ) ଉପରୋକ୍ତ ସାଧାରଣ ବିଜ୍ଞପ୍ତିଟି ମଧ୍ୟ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡ଼ିଷ୍ଟ୍ରିବ୍ୟୁସନ୍ ଲିଃ.ର ୱେବ୍‌ସାଇଟ୍ **www.tpcentralodisha.com** ଏବଂ ଆୟୋଗଙ୍କ ୱେବ୍‌ସାଇଟ୍ **www.orierc.org** ରେ ଉପଲବ୍ଧ ହେବ।

(ଖ) ଓଡ଼ିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ ଯଦି କୌଣସି ଅସଂଗତି ଥାଏ, ତେବେ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରାମାଣିକତା ପାଇଁ ବିବେଚନା କରାଯିବ।